**Series #CDBA**

**SET-4**

**Q.P. Code 14**

Roll No. | | | | | | | | |

Candidates must write the Q.P. Code on the title page of the answer-book.

- ପ୍ରଶ୍ନପତ୍ରଟି 11 ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ ।
- ପ୍ରଶ୍ନପତ୍ରରେ 14ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ ।
- ପ୍ରଶ୍ନପତ୍ରର ଡ଼ାହାଣ ପଟ କୋଣରେ ଦିଆଯାଇଥିବା କୋଡ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ ।
- **ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉତ୍ତର ପୁସ୍ତିକାରେ ପ୍ରଶ୍ନର ଉପଯୁକ୍ତ ସ୍ଥାନରେ ଲେଖ ।**
- ପ୍ରଶ୍ନପତ୍ର ପଢିବାପାଇଁ 15 ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର 10.15 ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ 10.15 ଠାରୁ 10.30 ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ ।
- Please check that this question paper contains **11** printed pages.
- Please check that this question paper contains **14** questions.
- Q.P. Code given on the right hand side of the question paper should be written on the title page of the answer-book by the candidate.
- **Please write down the serial number of the question in the answer-book before attempting it.**
- 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

# ଓଡ଼ିଆ

# ODIA

*ସମୟ : 3 ଘଣ୍ଟା* | *ପୂର୍ଣ୍ଣ ସଂଖ୍ୟା : 80*

*Time allowed : 3 hours* | *Maximum Marks : 80*



https://www.cbseboardonline.com

**General Instructions :**

- *This question paper is divided into* ***4*** *sections.*
- *It has total* ***14*** *questions.*
- ***Section A :*** *1 Question no. 1*
- ***Section B :*** *2 Questions no. 2 to 3*
- ***Section C :*** *4 Questions no. 4 to 7*
- ***Section D :*** *7 Questions no. 8 to 14*

*Attempt questions as per specific instructions.*
*Write question no. in answer book before attempting it.*

**ସାଧାରଣ ନିର୍ଦ୍ଦେଶାବଳୀ :**

- ଏହି ପ୍ରଶ୍ନପତ୍ରରେ ସମୁଦାୟ 4 ଗୋଟି ବିଭାଗ ରହିଛି ।
- ଏହି ପ୍ରଶ୍ନପତ୍ରରେ ସମୁଦାୟ 14ଟି ପ୍ରଶ୍ନ ରହିଛି ।
- **ସେକ୍ସନ ଏ (Section A) :** ପ୍ରଶ୍ନ ସଂଖ୍ୟା 1 ରହିଛି ।
- **ସେକ୍ସନ ବି (Section B) :** ପ୍ରଶ୍ନ ସଂଖ୍ୟା 2 ରୁ 3 ରହିଛି ।
- **ସେକ୍ସନ ସି (Section C) :** ପ୍ରଶ୍ନ ସଂଖ୍ୟା 4 ରୁ 7 ରହିଛି ।
- **ସେକ୍ସନ ଡି (Section D) :** ପ୍ରଶ୍ନ ସଂଖ୍ୟା 8 ରୁ 14 ରହିଛି ।

ନିର୍ଦ୍ଦେଶାନୁସାରେ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ଉତ୍ତର ଲେଖିବା ପୂର୍ବରୁ ଉତ୍ତରପତ୍ରର ବାମପାର୍ଶ୍ୱରେ ପ୍ରଶ୍ନ ନମ୍ବର ଉଲ୍ଲେଖ କର ।

## SECTION A

## ସେକ୍ସନ ଏ

1. ନିମ୍ନ ଅନୁଚ୍ଛେଦଟିକୁ ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । *5×2=10*

ବିଜ୍ଞାନର ବରଦାନ ବଳରେ ସମଗ୍ର ମାନବ ଜାତିର ଅଶେଷ କଲ୍ୟାଣ ସାଧିତ ହୋଇଛି । ଜୀବନ ଧାରଣର ମାନରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ ହୋଇପାରିଛି । ବିଜ୍ଞାନ ଯୋଗୁଁ ବିଶାଳ ବିଶ୍ୱ କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି । ଏକବିଂଶ ଶତାବ୍ଦୀରେ 'ବିଶ୍ୱଗ୍ରାମ' ଗଠନ ଆଉ ଦୂରନ୍ତ ସ୍ୱପ୍ନ ହୋଇ



https://www.cbseboardonline.com

ରହିନାହିଁ । ପୃଥିବୀ ବକ୍ଷରେ ବିଜ୍ଞାନର ପ୍ରସାର ଘଟାଇବା ପରେ ବିଜ୍ଞାନୀ ମାନେ ଅନ୍ୟ ଗ୍ରହର ରହସ୍ୟ ଉଦ୍‌ଘାଟନ କରିବାରେ ଲାଗି ପଡ଼ିଛନ୍ତି । ଚନ୍ଦ୍ରପୃଷ୍ଠରେ ବସତି ସ୍ଥାପନ କରିବାର ପ୍ରସ୍ତୁତି ଚାଲୁ ରହିଛି । ପାଶ୍ଚାତ୍ୟ ଦେଶମାନଙ୍କ ସହ ତାଳ ଦେଇ ଆମ ଦେଶ ମଧ୍ୟ ଏ କ୍ଷେତ୍ରରେ ଆଖିଦୃଶିଆ ସାଫଲ୍ୟ ଅର୍ଜନ କରିଛି । ଭାରତର ମଙ୍ଗଳ ଅଭିଯାନ କାର୍ଯ୍ୟକ୍ରମ ନିଶ୍ଚିତ ଭାବରେ ଏକ ବଡ଼ ଉପଲବ୍‌ଧି । ପାରମ୍ପରିକତାକୁ ପରିହାର କରିବାକୁ ବିଜ୍ଞାନ କେବେ ବି କୁହେ ନାହିଁ । କାରଣ ପାରମ୍ପରିକତାର ଭିତ୍ତିଭୂମି ଉପରେ ତ ଆଧୁନିକତା ପ୍ରତିଷ୍ଠିତ । କଳ୍ପନା ନ ଥିଲେ, ବାସ୍ତବତା ଆସିବ କୁଆଡ଼ୁ ? ସ୍ୱପ୍ନ ନ ଦେଖିଲେ, ତା'କୁ ସାକାର କରିବାକୁ ପ୍ରେରଣା କେମିତି ମିଳିବ ? ସେ ଯାହାହେଉ, ବିଜ୍ଞାନୀମାନେ ସମଗ୍ର ମାନବ ସମାଜର ସର୍ବାଙ୍ଗୀଣ ଉନ୍ନତି କଥା ଧ୍ୟାନରେ ରଖି ଗବେଷଣା ଜାରି ରଖିବା ଉଚିତ । ବିଜ୍ଞାନ ବିଶେଷ ଜ୍ଞାନ ସଂପନ୍ନ ହୋଇଥିବାରୁ ତା'କୁ ନେଇ ଅସୁମାରି ଆଶା ରହିବା ସ୍ୱାଭାବିକ । ସେହି ଆଶା ଭରସାକୁ କେବେ ବ୍ୟର୍ଥ ହେବାକୁ ଦିଆଯିବା କଥା ନୁହେଁ ।

(i) ମେଧାବୀ ଛାତ୍ରଛାତ୍ରୀ ମାନେ କେଉଁ କ୍ଷେତ୍ରରେ ବିଶେଷ ଆଗ୍ରହ ଦେଖାଉଛନ୍ତି ?

(ii) ବିଜ୍ଞାନ କ୍ଷେତ୍ରରେ ଭାରତର ବଡ଼ ଉପଲବ୍‌ଧି କ'ଣ ?

(iii) କଳ୍ପନା ଓ ବାସ୍ତବତା ମଧ୍ୟରେ କି ସଂପର୍କ ରହିଛି ?

(iv) ବିଜ୍ଞାନକୁ ନେଇ ଅସୁମାରି ଆଶା କାହିଁକି ରହିଛି ?

(v) ଅଧୁନା କେଉଁ କଥା ଆଉ ଦୂରନ୍ତ ସ୍ୱପ୍ନ ହୋଇ ରହିନାହିଁ ?

## SECTION B

## ସେକ୍ସନ ବି

**2.** ଯେକୌଣସି *ଗୋଟିଏ* ବିଷୟରେ ରଚନା ଲେଖ । *1×6=6*

(i) ଦେଶ ପ୍ରଗତିରେ ଛାତ୍ରର ଭୂମିକା ।

(ii) ଭାରତର ସୀମାନ୍ତ ସମସ୍ୟା ।

(iii) ଅରଣ୍ୟ ସମ୍ପଦ ଓ ତାର ସୁରକ୍ଷା ।



https://www.cbseboardonline.com

3. (a) ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ କାର୍ଯ୍ୟକ୍ରମ ଗୁଡ଼ିକୁ ବର୍ଣ୍ଣନା କରି ସମ୍ବାଦ ପତ୍ରର ସମ୍ପାଦକଙ୍କୁ ଏକ ପତ୍ର ଲେଖ । *6*

**କିମ୍ବା (OR)**

(b) 'ସଂବିଧାନ ଦିବସ ପାଳନର ମହତ୍ତ୍ୱ' ଏହି ଶୀର୍ଷକରେ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ସ୍ଥାନୀୟ ସମ୍ବାଦ ପତ୍ର ସମ୍ପାଦକଙ୍କୁ ଏକ ପତ୍ର ଲେଖ । (ବି.ଦ୍ର. – ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## SECTION C

## ସେକ୍ସନ ସି

4. ଲକ୍ଷଣ, ଉଦାହରଣ ଓ ଯତିପାତ ସହ ଯେ କୌଣସି ***ଗୋଟିଏ*** ଛନ୍ଦକୁ ବୁଝାଇ ଲେଖ । *1×4=4*

(i) ନଟବାଣୀ ।

(ii) ବଙ୍ଗଳାଶ୍ରୀ ।

5. ସୂଚନା ଅନୁସାରେ ବାକ୍ୟଗୁଡ଼ିକୁ ପରିବର୍ତ୍ତନ କର । (ଯେ କୌଣସି *2* ଟିର) *2×1=2*

(i) ଅନେକ ବିଜ୍ଞ ବ୍ୟକ୍ତି ରାଜାଙ୍କ ଦରବାରକୁ ଆସି ସେହି କାବ୍ୟ ଉପରେ ନିଜ ନିଜ ମତ ଦେବାକୁ ଚେଷ୍ଟା କଲେ । (ଯୌଗିକ ବାକ୍ୟ କର)

(ii) ଦେବ ମନ୍ଦିରରେ ସମସ୍ତଙ୍କର ପ୍ରବେଶାଧିକାର ଅଛି । (ଜଟିଳ ବାକ୍ୟ କର)

(iii) ମୁଁ ଯେଉଁ ଜିନିଷଟି ବରାଦ ଦେଇଥିଲି, ଆଣିଚ ? (ସରଳ ବାକ୍ୟ କର)



https://www.cbseboardonline.com

6. ନିମ୍ନଲିଖିତ ରୂଢ଼ିକୁ ବ୍ୟବହାର କରି ବାକ୍ୟ ଗଠନ କର । (ଯେ କୌଣସି *2* ଟିର) *2×1=2*

(i) କୁହାମୁଣ୍ଡା କପିଳା ।

(ii) ଅଳ୍ପବିଦ୍ୟା ଭୟଙ୍କରୀ ।

(iii) ଦେହଲଗା ।

7. ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ ଶବ୍ଦ ଲେଖ । (ଯେ କୌଣସି *2* ଟିର) *2×1=2*

(i) ସାହାସ ।

(ii) ବ୍ୟବହାରିକ ।

(iii) ବାହୁଲ୍ୟତା ।

## SECTION D

## ସେକ୍ସନ ଡି

8. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି *1* ଟିର) *1×5=5*

(i) ଭୋକିଲା ଲୋକଙ୍କର ଦୁଃଖକୁ ନିଜ ଆଖିରେ ଦେଖି ତାଙ୍କ ହୃଦୟ ବିଗଳିତ ହେଲା ।

(ii) ବଥ ସିନା ବଥାଏ, ଆବୁ କାହାର ବଥାଏ ନାହିଁ ।

9. ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି *3* ଟିର) *3×2=6*

(i) ଭଲ ବିଶ୍ୱବାସୀ କହିଲେ କ'ଣ ବୁଝାଯାଏ ?

(ii) ଜୀବ ବିଜ୍ଞାନର ଚର୍ଚ୍ଚାରୁ କି ସନ୍ଧାନ ମିଳିଥାଏ ?

(iii) ଗଣତନ୍ତ୍ରର ମୂଳମନ୍ତ୍ର କହିଲେ କ'ଣ ବୁଝ ?

(iv) ନରେନ୍‌ଙ୍କ ମନରେ କେଉଁ ବ୍ୟାକୁଳତା ଥିଲା ବୋଲି ଲେଖକ କହିଛନ୍ତି ?

(v) ଖ୍ରୀଷ୍ଟିୟାନ ମିଶନ ସ୍କୁଲ ଓଡ଼ିଶାରେ କେବେ ପ୍ରତିଷ୍ଠା ହୋଇଥିଲା ?



https://www.cbseboardonline.com

10. ଉତ୍ତର ପର୍ଯ୍ୟାୟକୁ ଠିକ୍ ଉତ୍ତରଟି ବାଛି ଲେଖ । *10×1=10*

(i) କାନ୍ତକବିଙ୍କ କୁଳଗୁରୁଙ୍କ ନାମ କ'ଣ ?

(A) ବାବାଜୀ ରାମଦାସ

(B) ଗୋପିନାଥ

(C) ବ୍ରଜସୁନ୍ଦର ଦାସ

(D) ଗୋପବନ୍ଧୁ ଦାସ

(ii) କାନ୍ତକବିଙ୍କ ଅସମ୍ପୂର୍ଣ୍ଣ ଉପନ୍ୟାସର ନାମ କ'ଣ ?

(A) କଣାମାମୁ

(B) ଅପହଯୋଗୀର ଆତ୍ମକଥା

(C) ଖଣ୍ଡିଏ ଚିଠି

(D) ସ୍ମୃତିପୂଜା

(iii) କୃଷ୍ଣଙ୍କର ଅଭ୍ରଂକଷ ପ୍ରାସାଦ କେଉଁଠି ନିମଗ୍ନ ହୋଇଗଲା ?

(A) ନଦୀଗର୍ଭରେ

(B) ଅତଳ ଜଳଧିରେ

(C) ମହାବାତ୍ୟାରେ

(D) ମହା ଅଭିଶାପରେ

(iv) ଭୋଗବାଦ କେଉଁ ସଭ୍ୟତାର ଆଦର୍ଶ ?

(A) ରୋମୀୟ ସଭ୍ୟତାର

(B) ଭାରତୀୟ ସଭ୍ୟତାର

(C) ରୋମୀୟ ଓ ଗ୍ରୀସୀୟ ସଭ୍ୟତାର

(D) ବେବିଲୋନୀୟ ସଭ୍ୟତାର



https://www.cbseboardonline.com

(v) ମହାଭାରତ ମହାସମରର ଅଙ୍ଗୁଳି ନିର୍ଦ୍ଦେଶକ କିଏ ?

(A) ବଳରାମ

(B) ଦୁର୍ଯ୍ୟୋଧନ

(C) ଭୀଷ୍ମ ପିତାମହ

(D) ଶ୍ରୀକୃଷ୍ଣ

(vi) 'ସଭ୍ୟତା ଓ ବିଜ୍ଞାନ' ପ୍ରବନ୍ଧଟି 1942 ମସିହାରେ କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?

(A) ସତ୍ୟବାଦୀ ପତ୍ରିକା

(B) ମୁକୁର ପତ୍ରିକା

(C) ଉତ୍କଳ ସାହିତ୍ୟ ପତ୍ରିକା

(D) ଉତ୍କଳ ପ୍ରଭା ପତ୍ରିକା

(vii) ଜଡ଼ବିଜ୍ଞାନ କେତେ ଭାଗରେ ବିଭକ୍ତ ?

(A) ଦୁଇ ଭାଗରେ

(B) ତିନି ଭାଗରେ

(C) ଚାରିଭାଗରେ

(D) ଛଅଭାଗରେ

(viii) ଆଧୁନିକ ସଭ୍ୟତାର ଆଦର୍ଶ ଜାଣିଲେ କେଉଁ ଧ୍ୱଜା ଉଡ଼ିବ ?

(A) ସତ୍ୟ ର ଧ୍ୱଜା

(B) ଶାନ୍ତି ର ଧ୍ୱଜା

(C) ପ୍ରୀତିର ଧ୍ୱଜା

(D) ମୈତ୍ରୀର ଧ୍ୱଜା



https://www.cbseboardonline.com

(ix) କେଉଁ ମାନଙ୍କୁ ରିଙ୍ଗ୍ ଲିଡ଼ର କୁହାଯାଉଥିଲା ?

(A) ଦେଶ ଭକ୍ତଙ୍କୁ

(B) ସେନାବାହିନୀଙ୍କୁ

(C) ମାତୃଭାଷା ଚିନ୍ତକଙ୍କୁ

(D) ରାଜନେତାଙ୍କୁ

(x) 'ଜନତା ଜନାର୍ଦ୍ଦନ' ଏଇ ଶବ୍ଦଯୁଗଳରେ ମଇଳା ଜମିବାର କାରଣ କ'ଣ ?

(A) ସାମାଜିକ ଅସମ୍ପୃକ୍ତି

(B) ଜନତାର ବୈଷମ୍ୟ

(C) ରାଜନୈତିକ ଛଳନାର ଶିକାରଯୋଗୁଁ

(D) ପରସ୍ପରମଧ୍ୟରେ କଳହ ଯୋଗୁଁ

**11.** ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି *1* ଟିର) *1×5=5*

(i) ତୋର ମୁକତିରେ ମୋର ମୁକତି ମା
ତୋର ହସେ ମୋର ହସ
ତୋହରି ଅନ୍ତର ଆଦେଶେ ଚଳେ ମୁଁ
ଘୋଷି ତୋର ମହାଯଶ ।

(ii) ସଙ୍କଟ କାଳେ ତୁମ୍ଭନ୍ତ ଉଦ୍ଧାରନ୍ତି ପୁଣ
ଦିଅସି ସିଂଘନାଦ ପ୍ରସନ୍ନ ବଦନେଣ ।

**12.** ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି *3* ଟିର) *3×2=6*

(i) ବ୍ୟାସ ସରୋବରର ମାହାତ୍ମ୍ୟ ଲେଖ ।

(ii) ଶ୍ରୀ ରାମଙ୍କ ସୈନ୍ୟ ସଂଖ୍ୟା କେତେ ବୋଲି ମନ୍ତ୍ରୀଦ୍ୱୟ କଳନା କଲେ ?

(iii) ଶିଖାର ଉଠିବା ପଡ଼ିବା ସହିତ କବି କାହାକୁ ତୁଳନା କରିଛନ୍ତି ?

(iv) ଉଷାଙ୍କୁ 'ଶୁଭ୍ର ସଉରଭ ରସିକେ' ବୋଲି ସୀତା କାହିଁକି କହିଛନ୍ତି ?

(v) କାହାର ଶଙ୍ଖଧ୍ୱନିରେ ଦୁଃଖ ଜ୍ୱାଳା ପ୍ରଶମିତ ହେବ ?



https://www.cbseboardonline.com

13. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । *10×1=10*

(i) 'ସର୍ବଂସହା ମାଟି' କବିତାଟି କବିଙ୍କ କେଉଁ କବିତା ସଂକଳନରୁ ଆସିଅଛି ?

(A) କାକଳି

(B) ଝରାଶିଉଳି

(C) ମାଟି ପାଣି ପବନ

(D) ମରୀଚିକା

(ii) କବି କାହାକୁ ସର୍ବ ସହଣୀ କରିଛନ୍ତି ?

(A) ମାଟି

(B) ପବନ

(C) ପାଣି

(D) ଆକାଶ

(iii) କେଉଁ କବିତା ପୁସ୍ତକ ପାଇଁ କବି ଅନନ୍ତ ପଟ୍ଟନାୟକ କେନ୍ଦ୍ର ସାହିତ୍ୟଏକାଡ଼େମୀ ଦ୍ୱାରା ପୁରସ୍କୃତ ?

(A) ଅବାନ୍ତର

(B) ଛାଇର ଛିଟା

(C) ରକ୍ତଶିଖା

(D) ଅଲୋଡ଼ାଲୋଡ଼ା

(iv) ପ୍ରକୃତିକୁ ମାନବ ଚରିତ୍ର ଭଳି ଉପସ୍ଥାପନ କେଉଁ କବିତାରେ କବି ଗଙ୍ଗାଧର କରିଛନ୍ତି ?

(A) କୀଚକବଧ

(B) ଅଯୋଧ୍ୟା ଦୃଶ୍ୟ

(C) ଉତ୍କଳ ଲକ୍ଷ୍ମୀ

(D) ମଙ୍ଗଳେ ଅଇଲା ଉଷା



https://www.cbseboardonline.com

(v) କୁମ୍ଭାଟୁଆ କେଉଁ ବେଶରେ ସ୍ତବ ପାଠ ଆରମ୍ଭ କରିଥିଲା ?

(A) ଜ୍ୟୋତିଷ (B) ବ୍ରାହ୍ମଣ

(C) ଭାଟ (D) ଋଷି

(vi) 'ଜ୍ୟୋତ୍ସ୍ନା–ଦୁକୂଳ–ବାସିନୀ'–କବି କାହା ଉଦ୍ଦେଶ୍ୟରେ ପ୍ରକାଶ କରିଛନ୍ତି ?

(A) ଚିଲିକା

(B) ଦୁଇ କୂଳରେ ବାସ କରୁଥିବା ନାରୀ

(C) ଦିଗଙ୍ଗନା

(D) ପୃଥିବୀ

(vii) 'ଉର୍ବଶୀ' କାବ୍ୟର କବି କିଏ ?

(A) ରାଧାନାଥ ରାୟ

(B) ଉପେନ୍ଦ୍ର ଭଞ୍ଜ

(C) ଗଂଗାଧର ମେହେର

(D) ସାରଳା ଦାସ

(viii) ବିଭୂତି ଭୂଷଣ ବୋଲି କାହାକୁ କୁହାଯାଇଛି ?

(A) ରାମଚନ୍ଦ୍ର

(B) ବିଭୀଷଣ

(C) ବାଳୀ

(D) ଅଙ୍ଗଦ

(ix) ଭୀମଙ୍କୁ ସିଂଘନାଦ ଦେବା ପାଇଁ କିଏ ପରାମର୍ଶ ଦେଲେ ?

(A) ଦୁର୍ଯ୍ୟୋଧନ (B) ଶିବ

(C) ପାର୍ବତୀ (D) ଲକ୍ଷ୍ମୀ

(x) ଲକ୍ଷ୍ମୀକାନ୍ତ କେଉଁ କବି ଭାବରେ ପରିଚିତ ?

(A) ପ୍ରକୃତି କବି (B) ପଲ୍ଲୀ କବି

(C) ସ୍ୱଭାବ କବି (D) କାନ୍ତ କବି



https://www.cbseboardonline.com

**14.** ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି *6* ଟିର) *6×1=6*

(i) 'ତୁଆସିବୁ ନ ଆସିବୁ କି ବିଶ୍ୱାସ' – କାହାର ଏକ ପଦିଏ କଥାରେ କିଏ ଲାଲ୍ ଆଖିରେ କାହାକୁ ଚାହିଁଲା ?

(ii) 'ଆପଣ କ'ଣ କବିଙ୍ଗର ମହାରାଜ' – ଏହା କିଏ କାହାକୁ କହିଛି ?

(iii) ରାଜେଶ୍ୱରୀ କେତେ ଜଣ ଯୋଦ୍ଧାଙ୍କୁ ଚାହିଁଥିଲେ ଓ କେତେ ଜଣଙ୍କୁ ବାହାରକୁ ଯିବାକୁ କହିଲେ ?

(iv) କାଠ ଗଳ୍ପର ଗାଳ୍ପିକ କିଏ ଓ ସେ କିଣିଥିବା କାଠର ନାମ କ'ଣ ?

(v) ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ ଗଳ୍ପର ଗାଳ୍ପିକ କିଏ ଓ ବଟ ବୃକ୍ଷ ଏଠି କାହାର ପ୍ରତୀକ ?

(vi) ସୁବ୍ରତ କେଉଁ ରଙ୍ଗର କଲମରେ ଲେଖୁଥିଲେ ଓ ସେହି କଲମଟିକୁ କିଏ ବିକି ଦେଇଥିଲେ ?

(vii) 'ଢ଼କାଢ଼ୋଳା ହେ ତୁମରି ଇଚ୍ଛା ପୂର୍ଣ୍ଣ ହେଉ' ଏହା କାହାର ଉକ୍ତି ?

(viii) କାହାର ସୁମରଣା କରି ଅନୁକୂଳ କରି ଯିବାକୁ ମା' ଧରମାକୁ କହିଲେ ?



https://www.cbseboardonline.com